# ପ୍ରସାଦ ବିତରଣ ଓ ସେବନ

– ବୈଷ୍ଣବମାନଙ୍କୁ ଆମନ୍ତ୍ରଣ କରିଥିବା ଅନୁଷ୍ଠାନରେ କେବଳ ଦୀକ୍ଷା ଗ୍ରହଣ କରିଥିବା ଭକ୍ତମାନେ ହିଁ ଭଗବାନଙ୍କ ପାଇଁ ଭୋଗ ରନ୍ଧନ, ଭୋଗ ନିବେଦନ କରିବେ। କିନ୍ତୁ ଆଚରଣଶୀଳ ଭକ୍ତମାନେ ରନ୍ଧନକାରୀଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ପରିବେଷଣ କରିପାରିବେ। ଯଦି ସମ୍ଭବ ହୁଏ ତେବେ ଦୀକ୍ଷିତ ଭକ୍ତ ପ୍ରସାଦ ବିତରଣ କରିବା ଉଚିତ୍। ବିତରଣ କରିବା ଭକ୍ତଙ୍କର ମନ, ଶରୀର, ଆଚାର, ବ୍ୟବହାର ଆଉ ବସ୍ତ୍ର ସ୍ୱଚ୍ଛ ହେବା ଉଚିତ୍। ବିତରଣ ସମୟରେ ଉଚ୍ଚ ସ୍ୱରରେ କଥାବାର୍ତ୍ତା କରିବା ଉଚିତ୍ ନୁହେଁ।

– ସ୍ନାନ ଓ ଶୌଚରେ ବ୍ୟବହୃତ ଅପରିଷ୍କାର ପ୍ଲାଷ୍ଟିକ୍ ପାତ୍ରରେ ପରିବେଷଣ କରିବା ଅନୁଚିତ୍।

– ପ୍ରସାଦ ଗ୍ରହଣ ସମୟରେ ବାମ ହସ୍ତ ଦ୍ୱାରା ଅନ୍ୟଙ୍କୁ ପରଷିବା ବା ନିଜେ ନେବା ଉଚିତ୍ ନୁହେଁ ଏବଂ ବାମ ହସ୍ତରେ ଆହାର ଓ ପାନୀୟ ସେବନ କରିବା ଉଚିତ୍ ନୁହେଁ।

– ପ୍ରଥମେ ସନ୍ନ୍ୟାସୀ, ବ୍ରହ୍ମଚାରୀ, ଆଶ୍ରମବାସୀ, ବରିଷ୍ଠ ଭକ୍ତ, ବାଳକ ଏବଂ ବୃଦ୍ଧମାନଙ୍କୁ ଆଗରେ ବସାଇ ପ୍ରସାଦ ପରିବେଷଣ କରିବେ। ପ୍ରସାଦ ଗ୍ରହଣ ଶେଷରେ ବରିଷ୍ଠ ଭକ୍ତମାନେ ଉଠିବାପରେ ଉଠିବେ। ବିଶେଷ ସେବା ଥିଲେ ନିକଟସ୍ଥ ବୈଷ୍ଣବଙ୍କ ଅନୁମତି ନେଇ ଆଗେ ଉଠିପାରନ୍ତି।

– ପରିବେଷଣ ସମୟରେ ଚାମଚ ବା ପରିବେଷଣ ପାତ୍ର ଯେପରି ଉଚ୍ଛିଷ୍ଟ ହାତ ବା ପତ୍ରରେ ନ ଲାଗେ, ସେଥିପ୍ରତି ସାବଧାନ ରହିବେ।

– ପ୍ରସାଦ ପରଶିବା ସମୟରେ ହାତରେ ଦେବା ଉଚିତ୍ ନୁହେଁ। କିନ୍ତୁ ଯଦି ଅଳ୍ପ ହୋଇଥାଏ ତାହାହେଲେ ହାତରେ ଦିଆଯାଇ ପାରେ।

– ଭୋଗ ନିବେଦନ "ଭଜ ଭକତ ବତ୍ସଳ" ଗୀତ ଅନୁଯାୟୀ ପ୍ରଥମେ ପତ୍ର, ପାଣି, ଲୁଣ, ଲଙ୍କା, ଲେମ୍ବୁ, ଅନ୍ନ, ପିଠା ଜାତୀୟ ପକୋଡ଼ା, ଶାଗ, ଭଜା, ଘାଣ୍ଟ, ଡାଲି, ରସା, ଖଟା, ପାମ୍ପଡ଼, ଦହି, ପାଏସାନ୍ନ, ମିଠା ଓ ଶେଷରେ ଫଳ ଆଦି କ୍ରମାନ୍ୱୟରେ ପରିବେଷଣ କରିବେ।

– ପ୍ରସାଦ ଭଗବାନଙ୍କ କୃପା। ତେଣୁ ଯାହାର ଯେତିକି ପ୍ରୟୋଜନ, ସେହି ହିସାବରେ ପରିବେଷଣ କରିବେ। ପ୍ରସାଦ ଯେଭଳି ତଳେ ପଡ଼ି ନଷ୍ଟ ନ ହୁଏ, ସେଥିପ୍ରତି ଧ୍ୟାନ ଦେବେ। ଗୋଟିଏ ଦାନା ପ୍ରସାଦ ନଷ୍ଟ ହେଲେ ବହୁ ଅପରାଧ ହୋଇଥାଏ।

– ସମ୍ଭବ ହେଲେ ପ୍ରସାଦ ଗ୍ରହଣ କରୁଥିବା ବ୍ୟକ୍ତି ପ୍ରସାଦର ମାନ୍ୟତା ସଂପର୍କରେ କହିପାରନ୍ତି କିମ୍ବା ଆବଶ୍ୟକ ସ୍ଥଳେ ଶାନ୍ତ ରହିବା ଉଚିତ୍। ପ୍ରସାଦ ପାଉଥିବା ସମୟରେ କ୍ୟାସେଟ୍ କିମ୍ବା ପୁସ୍ତକ ପାଠ ଶୁଣିବା ଅତ୍ୟନ୍ତ ଲାଭ ଦାୟକ ଅଟେ। ଆମ୍ଭେ 'ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣ' ବା 'ଶ୍ରୀଲ ପ୍ରଭୁପାଦ ଲୀଳାମୃତ' ପରି ପୁସ୍ତକ ରୁ ଶ୍ରବଣ କରିବା ଉଚିତ୍।

– ପ୍ରସାଦ ଗ୍ରହଣ ପାଇଁ ଉପବେଶନ କରୁଥିବା ଭକ୍ତ ମାନଙ୍କୁ ସମାନ ପରିମାଣରେ ପ୍ରସାଦ ବଣ୍ଟନ କରିବା ଉଚିତ୍। ଭକ୍ତ ସଂଖ୍ୟା ଅଧିକ ହେଲେ ମଧ୍ୟ ପାତର ଅନ୍ତର କରିବା ଉଚିତ୍ ନୁହେଁ। ଆବଶ୍ୟକ ସ୍ଥଳେ ବିଶେଷ ପ୍ରକାର ପ୍ରସାଦ ଗ୍ରହଣ କରିବା ବ୍ୟକ୍ତି ଅଲଗା ସ୍ଥାନରେ ବସିବା ଉଚିତ୍।

– ପ୍ରସାଦ କିମ୍ବା ପ୍ରସାଦର ବାସନକୁ ପାଦରେ ସ୍ପର୍ଶ କରିବା ଉଚିତ ନୁହେଁ । ଯଦି ଭୁଲରେ ପାଦ ବାଜିଯାଏ ତାହାହେଲେ ସେହି ପାତ୍ର କିମ୍ବା ପ୍ରସାଦକୁ ଦକ୍ଷିଣ ହସ୍ତରେ ସ୍ପର୍ଶ କରି ମସ୍ତକରେ ଲଗାଇବା ଉଚିତ୍ ।

– ପ୍ରସାଦ ବିତରଣ କରୁଥିବା ପାତ୍ରକୁ ଭୂମିରେ ଟାଣି ଟାଣି ନେବା ଉଚିତ୍ ନୁହେଁ କିମ୍ବା ବିତରଣ କରୁଥିବା ସମୟରେ ଖୁବ୍ ଜୋରରେ ଶବ୍ଦ କରିବା ଉଚିତ୍ ନୁହେଁ ।

– ପ୍ରସାଦ ପାଇସାରିବା ପରେ ଶୀଘ୍ର ସେ ସ୍ଥାନକୁ ପରିଷ୍କାର କରିଦେବା ଉଚିତ୍ । ଆଉ ପଡ଼ିଥିବା ପ୍ରସାଦକୁ ଡଷ୍ଟବିନ୍‌ରେ ପକାଇ ଦେବା ଉଚିତ୍ ।

– ଗୁରୁଦେବଙ୍କର ମହାପ୍ରସାଦକୁ ନୂତନ ଭକ୍ତଙ୍କୁ ବିତରଣ କରିବା ଅନୁଚିତ । କାରଣ ଏଥିରେ ଉଚ୍ଛିଷ୍ଟ ଜ୍ଞାନରେ ଅନାଦର ହୋଇପାରେ ।

– ସର୍ବଶେଷରେ ହାତଯୋଡ଼ି ବିନମ୍ର ଭାବରେ ସମସ୍ତଙ୍କ ନିକଟକୁ ଯାଇ ଆଉ କିଛି ଲାଗିବ କି ବୋଲି ଜିଜ୍ଞାସା କରି ତାହା ପରିବେଷଣ କରିବେ । ହାତ ଧୋଇବାପାଇଁ ପାଣି ଓ ପୋଛିବା ପାଇଁ ବସ୍ତ୍ର ଦେବେ । ବୈଷ୍ଣବଙ୍କ ଅନୁମତି ବିନା ତାଙ୍କର ଭୁକ୍ତାବଶେଷକୁ ତାଙ୍କ ସମ୍ମୁଖରେ ପାଇବା ଅନୁଚିତ ।

– ପ୍ରସାଦ ଗ୍ରହଣ ପୂର୍ବରୁ ସମ୍ମାନ ପୂର୍ବକ ପ୍ରସାଦ ସେବନ ମନ୍ତ୍ର ଗାନ କରିବା ଉଚିତ୍ ଓ ଅବଶେଷରେ ଜୟଗାନ କରିବା ଉଚିତ୍ କାରଣ ତାହା ଭଗବାନଙ୍କ ଠାରୁ ଅଭିନ୍ନ ହୋଇଥିବାରୁ ପ୍ରିତୀ ସହକାରେ ଗ୍ରହଣ କରିବା ଉଚିତ୍ । ଅନାଦର କରିବା ଅପରାଧ । ମୁଁ ଆଗେ ଖାଇବି, ଏହା ରାକ୍ଷସ ମନବୃତ୍ତି । ତେଣୁ ଭକ୍ତଙ୍କୁ ପରିବେଷଣ କରିବାପରେ ନିଜେ ଗ୍ରହଣ କରିବେ । ଯଦି ନିଜେ ପ୍ରଥମେ ପାଇଛନ୍ତି, ପରେ ଅନ୍ୟମାନଙ୍କୁ ପରିବେଷଣ କରିବା ଉଚିତ୍ ।

– ପ୍ରସାଦ ଗ୍ରହଣ ସମୟରେ ମୁହଁରୁ କିଛି ଚର୍ବିତ ବସ୍ତୁ ବାହାରିଲେ, ତାହା ହାତରେ ବାହାର କରି ଥାଳ ପାଖରେ ରଖିବେ । ମୁହଁରୁ ଥୁ ଥୁ କରି ପକାଇବେ ନାହିଁ । ପ୍ରସାଦକୁ କୋଳରେ ରଖି କିମ୍ବା ବିଛଣା ଉପରେ ରଖି ସେବନ କରିବା ଅନୁଚିତ୍ । ପ୍ରସାଦ ସେବନ କରୁଥିବା ଭକ୍ତମାନେ ନିଜର ଖାଇବା ବାସନରେ ଆମିଷାହାରୀ ବ୍ୟକ୍ତିଙ୍କୁ ଖାଇବାକୁ ଦେବେନାହିଁ ଏବଂ ବ୍ରହ୍ମଚାରୀ, ସନ୍ନ୍ୟାସୀ ଆଦି ଆଶ୍ରମବାସୀ ଭକ୍ତମାନଙ୍କୁ ମଧ୍ୟ ଦେବେ ନାହିଁ । ସେମାନଙ୍କୁ ସ୍ୱତନ୍ତ୍ର ବାସନ ବା ପତ୍ରରେ ପ୍ରସାଦ ଦେବେ । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ, ମଧ୍ୟରାତ୍ରୀରେ ଏବଂ ସ୍ନାନ ପୂର୍ବରୁ ପ୍ରସାଦ ଗ୍ରହଣ କରିବା ଅନୁଚିତ୍ ।

ପାଦ ଖୋଲା କରି କିମ୍ବା ଜଙ୍ଘ ଉପରେ ଥାଳି ରଖି ପ୍ରସାଦ ଗ୍ରହଣ କରିବା ଉଚିତ୍ ନୁହେଁ । ଆର୍ୟୁବେଦ ଶାସ୍ତ୍ର ଅନୁସାରେ ଅର୍ଦ୍ଧ ପଦ୍ମାସନରେ ବସି ପ୍ରସାଦ ଗ୍ରହଣ କଲେ ଶରୀର ପାଇଁ ଲାଭ ଦାୟକ ଅଟେ ।